# NATIONAL NEWS BULLETIN (ODIA)

**16 October - 2024**

**Morning Bulletin : 7.15 a.m.**

**************************************

## ମୁଖ୍ୟ ସମ୍ବାଦ

- ତ୍ରିରାଷ୍ଟ୍ରୀୟ ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ଆଜି ମୌରିଟାନିଆରେ ପହଞ୍ଚିବେ ରାଷ୍ଟ୍ରପତି ।
- ଜାମ୍ମୁକାଶ୍ମୀରର ମୁଖ୍ୟମନ୍ତ୍ରୀ ଭାବେ ଆଜି ଶପଥନେବେ ନ୍ୟାସନାଲ କନ୍‌ଫରେନ୍ସ ନେତା ଓମାର ଅବଦୁଲ୍ଲା ।
- ନାଗରିକଙ୍କ ମୌଳିକ ଅଧିକାରର ସୁରକ୍ଷା ପାଇଁ ତ୍ୱରିତ ପଦକ୍ଷେପ ନେବା ଉପରେ ପୁଲିସ ଅଧିକାରୀଙ୍କୁ ପରାମର୍ଶ ଦେଲେ ସ୍ୱରାଷ୍ଟ୍ରମନ୍ତ୍ରୀ ।
- ଲେବାନନ୍‌ରେ ମାନବିକ ସହାୟତାକୁ ସୁନିଶ୍ଚିତ କରିବା ପାଇଁ ଅସ୍ତ୍ରବିରତି ଜରୁରୀ ବୋଲି ମତବ୍ୟକ୍ତ କଲେ ଜାତିସଂଘର ଦୁଇ ବରିଷ୍ଠ ଅଧିକାରୀ ।

ଏବଂ

- ବେଙ୍ଗାଲୁରୁରେ ଆଜି ଖେଳାଯିବ ଭାରତ-ନ୍ୟୁଜିଲାଣ୍ଡ ତିନି ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ।

## ରାଷ୍ଟ୍ରପତି ମୁର୍ମୁ-ମୌରିଟାନିଆ

ତ୍ରିରାଷ୍ଟ୍ରୀୟ ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଆଲ୍‌ଜେରିଆରୁ ମୌରିଟାନିଆକୁ ଯାତ୍ରା କରିବେ । ଆଲ୍‌ଜେରିଆ ଗସ୍ତ

ଅବସରରେ ରାଷ୍ଟ୍ରପତି ସେଠାକାର ଶୀର୍ଷ ନେତୃତ୍ୱ ଏବଂ ପ୍ରତିନିଧିମଣ୍ଡଳୀ ସହିତ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ନେଇ ଆଲୋଚନା ବୈଠକ କରିଥିଲେ । ଦିନିକିଆ ମୌରିଟାନିଆ ଗସ୍ତ ଅବସରରେ ରାଷ୍ଟ୍ରପତି ଏକାଧିକ କାର୍ଯ୍ୟକ୍ରମରେ ଯୋଗଦେବେ । ମୌରିଟାନିଆ ପ୍ରତିପକ୍ଷ ମହମ୍ମଦ ଔଲଦ ଘାର୍ଜୌଆନି ଏବଂ ଦେଶର ଅନ୍ୟ ନେତାଙ୍କ ସହ ଦ୍ୱିପାକ୍ଷିକ ବୈଠକରେ ଯୋଗଦେବେ । ସେଠାକାର ପ୍ରବାସୀ ଭାରତୀୟଙ୍କ ସହ ମଧ୍ୟ ରାଷ୍ଟ୍ରପତି ମତ ବିନିମୟ କରିବାର କାର୍ଯ୍ୟସୂଚୀ ରହିଛି । ବୈଦେଶିକ ମନ୍ତ୍ରଣାଳୟର ସଚିବ ଅରୁଣ କୁମାର ଚାଟାର୍ଜୀ ଗଣମାଧ୍ୟମକୁ ସମ୍ବୋଧନ କରି କହିଛନ୍ତି ରାଷ୍ଟ୍ରପତିଙ୍କ ଆଲ୍‌ଜେରିଆ ଗସ୍ତ ଦୁଇଦେଶ ମଧ୍ୟରେ ରାଜନୈତିକ, ଅର୍ଥନୈତିକ ଏବଂ ସାଂସ୍କୃତିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବ । ବ୍ରିକ୍ସରେ ଆଲ୍‌ଜେରିଆର ସଦସ୍ୟତା ପ୍ରସଙ୍ଗକୁ ଭାରତ ସମର୍ଥନ କରିବ ବୋଲି ସେ ସୂଚନା ଦେଇଛନ୍ତି । ଗସ୍ତର ତୃତୀୟ ପର୍ଯ୍ୟାୟରେ ରାଷ୍ଟ୍ରପତି ଆସନ୍ତାକାଲି ମାଲାୱିରେ ପହଞ୍ଚିବେ । ଆଫ୍ରିକାର ଏହି ୩ଟି ରାଷ୍ଟ୍ର ସହ ଭାରତର ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ରାଷ୍ଟ୍ରପତିଙ୍କ ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ।

## ଜେକେ-ଶପଥ ଗ୍ରହଣ

ନ୍ୟାସନାଲ କନ୍‌ଫରେନ୍ସ ନେତା ଓମରା ଅବଦୁଲ୍ଲା ଆଜି କେନ୍ଦ୍ରଶାସିତ ଅଞ୍ଚଳ ଜାମ୍ମୁ କାଶ୍ମୀରର ମୁଖ୍ୟମନ୍ତ୍ରୀଭାବେ ଶପଥ ଗ୍ରହଣ କରିବେ । ପୂର୍ବାହ୍ନ ସାଢ଼େ ୧୧ଟାରେ ଶ୍ରୀନଗରସ୍ଥିତ ସେର୍-ଇ-କାଶ୍ମୀର ଆନ୍ତର୍ଜାତିକ ସମ୍ମିଳନୀ କେନ୍ଦ୍ରରେ ଉପରାଜ୍ୟପାଳ ମନୋଜ ସିହ୍ନା ଶ୍ରୀ ଅବଦୁଲ୍ଲା ଏବଂ ତାଙ୍କ ମନ୍ତ୍ରିମଣ୍ଡଳର ସଦସ୍ୟଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇବେ । ୧୦ବର୍ଷ ପରେ ଜାମ୍ମୁ କାଶ୍ମୀରରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ

ନ୍ୟାସନାଲ କନ୍‌ଫରେନ୍ସ ମେଣ୍ଟ ବିଜୟୀ ହେବାରୁ ଉପରାଜ୍ୟପାଳ ଶ୍ରୀ ଅବଦୁଲ୍ଲାଙ୍କୁ ସରକାର ଗଠନ ପାଇଁ ଆମନ୍ତ୍ରଣ କରିଥିଲେ । ୨୦୧୪ରେ ଜାମ୍ମୁ-କାଶ୍ମୀରରେ ଶେଷଥର ପାଇଁ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଶପଥଗ୍ରହଣ ସମାରୋହକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ଲକ୍ଷ୍ୟରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।

## ବିଜେପି ସିଇସି ମିଟିଂ

ବିଜେପିର କେନ୍ଦ୍ରୀୟ ନିର୍ବାଚନ କମିଟି ବୈଠକ ଗତକାଲି ନୂଆଦିଲ୍ଲୀ ଦଳୀୟ ମୁଖ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଛି । ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ପ୍ରାର୍ଥୀ ଚୟନ ଉପରେ ଏହି ବୈଠକରେ ଆଲୋଚନା ହୋଇଥିବା ଜଣାପଡିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଏବଂ ଅନ୍ୟ ବରିଷ୍ଠ ସଦସ୍ୟ ବୈଠକରେ ଯୋଗ ଦେଇଥିଲେ ।

## ଶାହା-ଆଇପିଏସ୍-ପ୍ରୋବେସନରସ

ନାଗରିକଙ୍କ ମୌଳିକ ଅଧିକାରର ସୁରକ୍ଷା ପାଇଁ ପୁଲିସ ବ୍ୟବସ୍ଥା ତ୍ୱରିତ ପଦକ୍ଷେପ ନେବାରୁ ସମୟ ଉପସ୍ଥିତ ହୋଇଛି ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି । ନୂଆଦିଲ୍ଲୀରେ ଭାରତୀୟ ପୁଲିସ ସେବା ଆଇପିଏସ୍‌ର ୨୦୨୩ ବ୍ୟାଚ୍‌ର ୭୬ଜଣ ନିୟମିତ ନିଯୁକ୍ତ ପ୍ରୋବେସନରଙ୍କ ସହ ଆଲୋଚନାବେଳେ ଶ୍ରୀ ଶାହା ଏହା କହିଛନ୍ତି । ସେ କହିଛନ୍ତି ଦେଶର ସୀମା ମଧ୍ୟରେ ଘଟୁଥିବା ଅପରାଧକୁ ହ୍ରାସ କରିବା ଦିଗରେ ପୁଲିସ ସତର୍କ ରହିବା ଉଚିତ୍ । କ୍ରାଇମ୍ ଆଣ୍ଡ୍ କ୍ରିମିନାଲ ଟ୍ରାକିଂ ନେଟୱ୍ୱର୍କ ଆଣ୍ଡ୍ ସିଷ୍ଟମ-

ସି.ସି.ଟି.ଏନ୍.ଏସ୍ ଜରିଆରେ ଦେଶର ୯୯ପ୍ରତିଶତ ଥାନା ଅନ୍‌ଲାଇନ୍ ମାଧ୍ୟମରେ ଯୋଡ଼ି ହୋଇପାରିଛି ବୋଲି ଶ୍ରୀ ଶାହା କହିଛନ୍ତି । ନୂତନ ୩ଟି ଫୌଜଦାରୀ ଆଇନ୍ ତ୍ୱରିତ ନ୍ୟାୟ ପ୍ରଦାନ ଦୋଷୀଙ୍କ ବିରୁଦ୍ଧରେ ପ୍ରମାଣିତ ତଥ୍ୟ ଏବଂ ବୈଷୟିକ କ୍ଷେତ୍ର ଉପରେ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରାଯାଇଛି । ନ୍ୟାୟିକ ପ୍ରକ୍ରିୟାକୁ ସମୟବଦ୍ଧ କରାଯିବା ସହ ଏଫ୍‌ଆଇଆର୍ ରୁଜୁ ହେବାର ୩ବର୍ଷ ମଧ୍ୟରେ ନ୍ୟାୟ ପ୍ରକ୍ରିୟା ଶେଷ କରିବା ପାଇଁ ଏହି ଆଇନ୍‌ରେ ବ୍ୟବସ୍ଥା ରହିଛି ବୋଲି ଶ୍ରୀ ଶାହା କହିଛନ୍ତି ।

ଜାମ୍ମୁକାଶ୍ମୀର ଉତ୍ତରପୂର୍ବ ଏବଂ ବାମପନ୍ଥୀ ଉଗ୍ରବାଦୀ ପ୍ରଭାବିତ ଅଞ୍ଚଳ ଗୁଡ଼ିକରେ ହିଂସାକୁ ୭୦ପ୍ରତିଶତ ହ୍ରାସ କରିବାରେ ସରକାର ସଫଳ ହୋଇଛନ୍ତି ବୋଲି ସେ କହିଛନ୍ତି । ୨୦୪୭ରେ ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତ ଏକ ଆତଙ୍କବାଦ ଓ ନିଶାମୁକ୍ତ ଦେଶ ହେବ । ଆଭ୍ୟନ୍ତରୀଣ ନିରାପତ୍ତା ଏବଂ ନାଗରିକଙ୍କ ମାନବିକ ଅଧିକାର ସୁରକ୍ଷାକୁ ଏହା ସୁନିଶ୍ଚିତ କରିବ ବୋଲି ଶ୍ରୀ ଶାହା ଆଶାବ୍ୟକ୍ତ କରିଛନ୍ତି ।

## ଜେପିସି-ୱାକ୍‌ଅଫ୍

ୱାକଅଫ୍ ସଂଶୋଧନ ବିଲ୍ ୨୦୨୪ ନେଇ ଗତକାଲି ନୂଆଦିଲ୍ଲୀରେ ଯୁଗ୍ମ ସଂସଦୀୟ କମିଟି ବୈଠକ ଅନୁଷ୍ଠିତ ହୋଇଛି । ଲୋକସଭା ସଦସ୍ୟ ଜଗଦମ୍ବିକା ପାଲ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସଂଖ୍ୟାଲଘୁ ମନ୍ତ୍ରଣାଳୟର ପ୍ରତିନିଧି ମଣ୍ଡଳୀ ସହ ଆଲୋଚନା ହୋଇଛି । ୱାକ୍‌ଅଫ୍ ସମ୍ପତ୍ତିର ପରିଚାଳନା ଏବଂ ସଂଶୋଧନ ବିଲ୍‌ର ବିଭିନ୍ନ ଧାରା ଉପରେ ମତ ବିନିମୟ ହୋଇଛି । ସଂସଦର ଆଗାମୀ ଶୀତକାଳୀନ ଅଧିବେଶନରେ ଯୁଗ୍ମ

ସଂସଦୀୟ କମିଟି ଏହି ବିଲ୍ ଉପରେ ତା'ର ରିପୋର୍ଟ ଦାଖଲ କରିବାର ସମ୍ଭାବନା ରହିଛି ।

## ୟୁଏନ୍-ଲେବାନନ୍

ଲେବାନନ୍‌ରେ ଅସ୍ତ୍ରବିରତି ପାଇଁ ଜାତିସଂଘର ୨ଜଣ ବରିଷ୍ଠ ଅଧିକାରୀ ଅନୁରୋଧ କରିଛନ୍ତି । ଏହି ସଂଘର୍ଷ ଯୋଗୁଁ ସେଠାକାର କ୍ଷତିଗ୍ରସ୍ତ ପରିବାର ଏବଂ ଶିଶୁ ସମ୍ମୁଖୀନ ହେଉଥିବା ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ଅନୁରୋଧ କରାଯାଇଛି । ସେମାନଙ୍କ ପାଇଁ ଯୁଦ୍ଧ ଶେଷ ହେବାର ଆବଶ୍ୟକତା ରହିଛି ବୋଲି ଜାତିସଂଘର ଦୁଇ ଅଧିକାରୀ କହିଛନ୍ତି । ୟୁନିସେଫ୍‌ର ଉପ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଟେଡ ଚାଇବାନ ଏବଂ ଜାତିସଂଘ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଉପ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କାର୍ଲ ସ୍କାଉ ତିନିଦିନିଆ ଲେବାନନ୍ ଗସ୍ତ କରି ଏହି ମତବ୍ୟକ୍ତ କରିଛନ୍ତି । ସେଠାରେ ୧ ଦଶମିକ ୨ ନିୟୁତ ଲୋକ ପ୍ରଭାବିତ ହେବା ସହିତ ପାଖାପାଖି ୧ ଲକ୍ଷ ୯୦ ହଜାର ବିସ୍ଥାପିତ ୧ହଜାରରୁ ଅଧିକ କେନ୍ଦ୍ରରେ ଆଶ୍ରୟ ନେଇଛନ୍ତି ବୋଲି ସେମାନେ ସୂଚନା ଦେଇଛନ୍ତି । ସେଠାରେ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ, ସ୍ୱାସ୍ଥ୍ୟସେବାକୁ ସୁନିଶ୍ଚିତ କରିବା ପାଇଁ ଅସ୍ତ୍ରବିରତି ଜରୁରୀ ବୋଲି ଜାତିସଂଘର ଏହି ଦୁଇ ଅଧିକାରୀ ମତ ଦେଇଛନ୍ତି ।

## ପିଏମ୍-ଏଆଇ ସେଣ୍ଟରସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱାସ୍ଥ୍ୟସେବା, କୃଷି ଓ ସ୍ଥାୟୀ ସହର ଉପରେ ଆଧାରିତ ୩ଟି କୃତ୍ରିମ ବୁଦ୍ଧିମତା ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠାକୁ ପ୍ରଶଂସା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି

ବୈଷୟିକ, ଉଦ୍ଭାବନ ଏବଂ କୃତ୍ରିମ ବୁଦ୍ଧିମତା କ୍ଷେତ୍ରରେ ଅଗ୍ରଣୀ ହେବାପାଇଁ ଭାରତର ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହି କେନ୍ଦ୍ରଗୁଡ଼ିକ ଯୁବବର୍ଗଙ୍କୁ ସହଯୋଗ ପ୍ରଦାନ କରିବା ସହ ଦେଶର ଭବିଷ୍ୟତ ଅଭିବୃଦ୍ଧିରେ ଉଲ୍ଲେଖନୀୟ ଅବଦାନ ପ୍ରଦାନ କରିବ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି ।

ସୂଚନାଯୋଗ୍ୟ ସ୍ୱାସ୍ଥ୍ୟ, କୃଷି ଏବଂ ସ୍ଥାୟୀ ସହର ଲକ୍ଷ୍ୟରେ ତିନୋଟି କୃତ୍ରିମ ବୁଦ୍ଧିମତା ଉତ୍କର୍ଷ କେନ୍ଦ୍ରର ଗତକାଲି ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଘୋଷଣା କରିଛନ୍ତି। ନୂଆଦିଲ୍ଲୀଠାରେ ଏହି ଘୋଷଣା କରି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ଗବେଷଣା, ଉଦ୍ଭାବନ ଏବଂ ଅର୍ଥନୀତିକୁ ପ୍ରୋତ୍ସାହିତ କରିବା ଏବଂ ଜନକଲ୍ୟାଣ କାର୍ଯ୍ୟକ୍ରମଗୁଡ଼ିକର ସଫଳ ରୂପାୟନ ଦିଗରେ ଏହି କେନ୍ଦ୍ରଗୁଡ଼ିକ ପ୍ରମୁଖ ଭୂମିକା ଗ୍ରହଣ କରିବ। ଦିଲ୍ଲୀ ଏମ୍ସ, ଆଇଆଇଟି ରୋପର୍ ଏବଂ ଆଇଆଇଟି କାନପୁରରେ ଏହି କେନ୍ଦ୍ରଗୁଡ଼ିକ ପ୍ରତିଷ୍ଠା କରାଯିବ। ଦିଲ୍ଲୀ ଏମ୍ସରେ ପ୍ରତିଷ୍ଠିତ ହେବାକୁ କେନ୍ଦ୍ର ଦିଲ୍ଲୀ ଆଇ.ଆଇ.ଟି ସହିତ ମିଳିତ ଭାବେ ସ୍ୱାସ୍ଥ୍ୟକ୍ଷେତ୍ର ପାଇଁ କାର୍ଯ୍ୟ କରିବ। ଆଇ.ଆଇ.ଟି. ରୋପର୍ କେନ୍ଦ୍ର କୃଷି କ୍ଷେତ୍ର ପାଇଁ ଏବଂ ଆଇ.ଆଇ.ଟି. କାନପୁର କେନ୍ଦ୍ର ସ୍ଥାୟୀ ସହର ବିକାଶ କ୍ଷେତ୍ରରେ କାର୍ଯ୍ୟ କରିବ ବୋଲି ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି। ସେ କହିଛନ୍ତି, ୧୦ ବର୍ଷ ପରେ ବିଶ୍ୱ ପାଇଁ ଏକ ସମାଧାନ ପ୍ରଦାନକାରୀଭାବେ ଏହି କେନ୍ଦ୍ରଗୁଡ଼ିକ କାର୍ଯ୍ୟ କରିବ। କୃତ୍ରିମ ବୁଦ୍ଧିମତା କ୍ଷେତ୍ରର ବିକାଶ ପାଇଁ ଗତ ୨୦୨୩-୨୪ ବଜେଟ୍‌ରେ ଏହି କେନ୍ଦ୍ରଗୁଡ଼ିକ ପ୍ରତିଷ୍ଠା ନେଇ ଘୋଷଣା କରାଯାଇଥିଲା ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି।

## ଜୟଶଙ୍କର-ଏସ୍‌ସିଓ

ପାକିସ୍ତାନର ଇସ୍‌ଲାମବାଦଠାରେ ସାଙ୍ଘାଇ ସହଯୋଗ ସଂଗଠନ ପରିଷଦର ୨୩ତମ ବୈଠକ ଆଜି ଅନୁଷ୍ଠିତ ହେବ । ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଏହି ବୈଠକରେ ଯୋଗଦେବାପାଇଁ ଦୁଇଦିନିଆ ପାକିସ୍ତାନ ଗସ୍ତରେ ଯାଇ ଗତକାଲି ଇସ୍‌ଲାମବାଦଠାରେ ପହଞ୍ଚିଛନ୍ତି । ପାକିସ୍ତାନ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହେବ ।

ପ୍ରତିବର୍ଷ ଅନୁଷ୍ଠିତ ହେଉଥିବା ଏହି ବୈଠକରେ ବାଣିଜ୍ୟ ଏବଂ ଅର୍ଥନୈତିକ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥାଏ। ପୂର୍ବରୁ ଡକ୍ଟର ଜୟଶଙ୍କର ତାଙ୍କ ପାକିସ୍ତାନ ଗସ୍ତ ଏକ ବହୁପକ୍ଷୀୟ କାର୍ଯ୍ୟକ୍ରମ ବୋଲି ମତ ଦେବା ସହ ଦ୍ୱିପାକ୍ଷିକ ଆଲୋଚନା ସମ୍ଭାବନାକୁ ପ୍ରତ୍ୟାଖ୍ୟାନ କରିଥିଲେ।

## ଇଣ୍ଡିଆ-କଲମ୍ବିଆ

ନୂଆଦିଲ୍ଲୀରେ ଗତକାଲି ଦଶମ ଭାରତ-କଲମ୍ବିଆ ବୈଦେଶିକ କାର୍ଯ୍ୟାଳୟ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଛି । ବୈଦେଶିକ କାର୍ଯ୍ୟାଳୟର ପୂର୍ବଭାଗ ସଚିବ ଜୟଦୀପ ମଜମୁଦାର ଭାରତୀୟ ପ୍ରତିନିଧି ମଣ୍ଡଳୀର ନେତୃତ୍ୱ ନେଇଥିବାବେଳେ କଲମ୍ବିଆର ବୈଦେଶିକ ବ୍ୟାପାର ଉପମନ୍ତ୍ରୀ ଜର୍ଜ ରୋଜାସ୍ ରୋଡ୍ରିଗେଜ୍ କଲମ୍ବିଆ ପ୍ରତିନିଧି ମଣ୍ଡଳୀର ନେତୃତ୍ୱ ନେଇଥିଲେ । ବାଣିଜ୍ୟ, ପୁଞ୍ଜିନିବେଶ, ଶକ୍ତି, ପ୍ରଯୁକ୍ତିବିଦ୍ୟା, ପାରମ୍ପରିକ ଔଷଧ, ମହାକାଶ, ସାଂସ୍କୃତିକ ସମ୍ପର୍କ, ଦୂତାବାସ, ପ୍ରତିରକ୍ଷା, ଅକ୍ଷୟଶକ୍ତି ଏବଂ ରେଳବାଇ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କର ନୂତନ ମାର୍ଗ ଚିହ୍ନଟ କରିବା ଏହି

ବୈଠକର ମୂଳ ଉଦ୍ଦେଶ୍ୟ । ଉଭୟପକ୍ଷ ପାରସ୍ପରିକ ସ୍ୱାର୍ଥସମ୍ପନ୍ନ ବୈଶ୍ୱିକ ଏବଂ ଆଞ୍ଚଳିକ ପ୍ରସଙ୍ଗ ଉପରେ ମତ ବିନିମୟ କରିବେ ।

## ଇଣ୍ଡିଆ-ନ୍ୟୁଜିଲାଣ୍ଡ ପ୍ରଥମ ଟେଷ୍ଟ

ଭାରତ-ନ୍ୟୁଜିଲାଣ୍ଡ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଆଜି ବେଙ୍ଗାଲୁରୁର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମଠାରେ ଖେଳାଯିବ । ସକାଳ ସାଢ଼େ ୯ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ । ବିଶ୍ୱ ଟେଷ୍ଟ ଚାମ୍ପିୟନସିପ୍ ପୂର୍ବରୁ ଘରୋଇ ମାଟିରେ ଭାରତର ଏହା ଅନ୍ତିମ ଟେଷ୍ଟ ଶୃଙ୍ଖଳା ହେବ । ଟେଷ୍ଟ ଚାମ୍ପିୟନସିପ୍‌ର ଫାଇନାଲରେ ପହଞ୍ଚିବା ଲାଗି ଭାରତ ପାଇଁ ଏହି ଟେଷ୍ଟ ଶୃଙ୍ଖଳା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ରୋହିତ ଶର୍ମା ଭାରତୀୟ ଦଳର ନେତୃତ୍ୱ ନେଇଥିବାବେଳେ ଟମ୍ ଲାଥମ ନ୍ୟୁଜିଲାଣ୍ଡ ଦଳର ଅଧିନାୟକତ୍ୱ କରିବେ । ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଆସନ୍ତା ୨୪ତାରିଖରେ ପୁନେର ମହାରାଷ୍ଟ୍ର କ୍ରିକେଟ୍ ଆସୋସିଏସନ ଷ୍ଟାଡିୟମଠାରେ ଏବଂ ତୃତୀୟ ତଥା ଅନ୍ତିମ ଟେଷ୍ଟ ମୁମ୍ବାଇର ୱାଙ୍ଖଡେ ଷ୍ଟାଡିୟମରେ ନଭେମ୍ବର ପହିଲାରେ ଖେଳାଯିବ ।

## ମହିଳା ଟି-୨୦ ବିଶ୍ୱକପ୍

ଆଇସିସି ମହିଳା ଟି-୨୦ ବିଶ୍ୱକପ୍ ପ୍ରତିଯୋଗିତାର ସେମିଫାଇନାଲ ପର୍ଯ୍ୟାୟ ମ୍ୟାଚ୍ ଆସନ୍ତା କାଲିଠାରୁ ଆରମ୍ଭ ହେବ । ପ୍ରଥମ ସେମିଫାଇନାଲରେ ଦୁବାଇଠାରେ ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ ଆଫ୍ରିକା ପରସ୍ପରକୁ ଭେଟିବେ । ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲରେ ୱେଷ୍ଟଇଣ୍ଡିଜ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ମୁକାବିଲା ହେବ । ରବିବାର ଦିନ ଫାଇନାଲ ମ୍ୟାଚ୍ ଖେଳାଯିବ ।

ଦୁବାଇଠାରେ ଗତକାଲି ଅନୁଷ୍ଠିତ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ଇଂଲଣ୍ଡକୁ ୬ ୱିକେଟ୍‌ରେ ପରାସ୍ତ କରି ଚତୁର୍ଥ ଦଳ ଭାବେ ସେମିଫାଇନାଲରେ ପହଞ୍ଚିଛି । ଟସ୍ ଜିତି ଇଂଲଣ୍ଡକୁ ପ୍ରଥମେ ବ୍ୟାଟିଂ କରିବାକୁ ୱେଷ୍ଟଇଣ୍ଡିଜ ଆମନ୍ତ୍ରଣ କରିଥିଲା । ଇଂଲଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ୍ ବିନିମୟରେ ୧୪୧ରନ୍ ସଂଗ୍ରହ କରିଥଲା । ୧୪୨ରନ୍‌ର ବିଜୟଲକ୍ଷ୍ୟକୁ ୱେଷ୍ଟଇଣ୍ଡିଜ ୧୨ଟି ବଲ୍ ବାକିଥାଇ ହାସଲ କରିପାରିଥିଲା ।